## भाकृअनुप – राष्ट्रीय चावल अनुसंधान संस्थान
### ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

### କୃଷି ସୂଚନା ସେବା (ଧାନ)

୨୦୨୪ **ମସିହା ମେ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା**

- ଯଦି ଧାନ ଫସଲ କ୍ଷୀର ଢ଼ୋକିବା ଅବସ୍ଥାରେ ଥିବ, ତେବେ ଗନ୍ଧିପୋକ ଓ କେଣ୍ଡାକଟା ସଂବାଳୁଆ ଲାଗିବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ଗନ୍ଧିପୋକର ଆର୍ଥିକ ଦେହଳୀ ସୀମା ଅର୍ଥାତ୍ ବୁଦାପ୍ରତି ୨ରୁ ଅଧିକ ଗନ୍ଧିପୋକ ଦେଖାଯାଏ, ତେବେ ଏକର ପ୍ରତି ୧୨୦ ମି.ଲି. (ଇମିଡାକ୍ଲୋପ୍ରିଡ୍ ୬% + ଲାମ୍ବଡାସାଇହାଲୋଥ୍ରିନ୍ ୪%) ମିଶ୍ରିତ ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଯଦି କେଣ୍ଡାକଟା ସଂବାଳୁଆ ଦେଖାଯାଏ, ତେବେ ଏକର ପ୍ରତି କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ସିଞ୍ଚନ କରନ୍ତୁ ।
- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛଗୁଡିକୁ ଫୁଲ ଉଡାଇବା ସମୟରେ ଭଲଭାବରେ ଦେଖି ବାଛିଦିଅନ୍ତୁ ।
- ଯେତେବେଳେ ଶତକଡ଼ା ୮୦ ରୁ ୮୫ ଭାଗ ଧାନ ପାକଳ ହୋଇଯିବ, ସେହି ସମୟରେ କାଟନ୍ତୁ । ନଚେତ୍ ଡାଲୁଅ ଧାନରେ ଧାନ ଝଡି ଯିବାର ସମ୍ଭାବନା ଅଧିକ ଥାଏ ।
- ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।
- ଧାନ ଠିକ୍ ଭାବରେ ଶୁଖିଯିବା ପରେ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପର ଗ୍ରେନ୍ ବସ୍ତାରେ ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ ।
- ଧାନ ସାଇତି ରଖିଥିବା ବସ୍ତା ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ଓ ତାରପୋଲିନ୍‌ର ଚାରିପଟେ ୬ ଇଞ୍ଚ ମୋଟାର କାଦୁଅ ଲେପ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।
- ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇସାରିଛି । ତେଣୁ ଢ଼ିପଜମି ଏବଂ ବର୍ଷାଶ୍ରିତ ଖାଲୁଆ ଜମି, ଯେଉଁଠାରେ ଧାନ ଛଟାବୁଣା କରାଯାଏ ଏବଂ ତଳି ଘରା ପ୍ରସ୍ତୁତି ପାଇଁ ମାଟିର ବତର ଦେଖି ପ୍ରଥମ ଖରାଟିଆ ଚଷ କରିଦିଅନ୍ତୁ ।
- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷିବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷିବ୍ଲକ୍ ଅଫିସରୁ ମଧ୍ୟବର୍ତ୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ଯଥା ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା, ଗାୟତ୍ରୀ ଏବଂ ଏବଂ ନୂତନ ଭାବେ ବିକଶିତ ହୋଇଥିବା କିସମ ଯଥା ସି.ଆର୍.ଧାନ ୫୧୦, ସି.ଆର୍.ଧାନ ୫୧୧, ସି.ଆର୍.ଧାନ ୫୧୨ ଇତ୍ୟାଦି ବିହନ ସଂଗ୍ରହ କରି ରଖନ୍ତୁ । ଗଭୀର ଖାଲୁଆ ଜମି ପାଇଁ ଉନ୍ନତ ମାନର ବିହନ ଯଥା ସି.ଆର୍.ଧାନ ୫୦୦, ସି.ଆର୍.ଧାନ ୫୦୨ (ଜୟନ୍ତୀ ଧାନ), ସି.ଆର୍.ଧାନ ୫୦୩ (ଜଳମଣି), ସି.ଆର୍.ଧାନ ୫୦୫ ଓ ସି.ଆର୍.ଧାନ ୫୦୭ (ପ୍ରଶାନ୍ତ), ସି.ଆର୍.ଧାନ ୫୦୮ ଇତ୍ୟାଦି ସଂଗ୍ରହ କରି ନିଅନ୍ତୁ ।

- ଢ଼ିପ ଜମି ପାଇଁ ମାଟିର ବତର ଦେଖି ଉତ୍କୃଷ୍ଟ ମାନର ସଅଳ କିସମ ବିହନ ଯଥା ବନ୍ଦନା, ଅଂଜଳୀ, ସତ୍ୟଭାମା, ହୀରା, ଖଣ୍ଡଗିରି, ପାରିଜାତ ଏବଂ ନୂତନ ଭାବେ ବିକଶିତ ହୋଇଥିବା କିସମ ଯଥା ସି.ଆର୍.ଧାନ ୧୦୧ (ଅଙ୍କିତ), ସି.ଆର୍.ଧାନ-୧୦୨, ସି.ଆର୍.ଧାନ ୮୦୭, ସଚଳା ଇତ୍ୟାଦି ଉନ୍ନତ ମାନର ବିହନ ନିକଟସ୍ଥ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନରୁ ସଂଗ୍ରହ କରିନିଅନ୍ତୁ ।

- ଜଳସେଚିତ ମଧ୍ୟମ କିସମର ଜମି ପାଇଁ ସି.ଆର୍.ଧାନ-୩୦୭, ସି.ଆର୍.ଧାନ ୩୧୦, ସି.ଆର୍.ଧାନ-୩୧୧ ଏବଂ ନୂତନ ଭାବେ ବିକଶିତ ହୋଇଥିବା କିସମ ଯଥା ସି.ଆର୍.ଧାନ ୩୧୨, ସି.ଆର୍.ଧାନ ୩୧୪, ସି.ଆର୍.ଧାନ ୩୧୫, ସି.ଆର୍.ଧାନ ୩୧୬, ସି.ଆର୍.ଧାନ ୩୧୭, ସି.ଆର୍.ଧାନ ୩୨୧, ସି.ଆର୍.ଧାନ ୩୨୪, ସି.ଆର୍.ଧାନ ୩୨୬, ସି.ଆର୍.ଧାନ ୩୨୯, ସି.ଆର୍.ଧାନ ୩୩୧, ସି.ଆର୍.ଧାନ ୮୦୪, ସି.ଆର୍.ଧାନ ୮୦୫ ଇତ୍ୟାଦି ଉନ୍ନତ ମାନର ବିହନ କିସମ ବନ୍ଦୋବସ୍ତ କରନ୍ତୁ ।

- ଯେଉଁ ଚାଷୀଭାଇମାନେ ସ୍ୱଳ୍ପଗଭୀର ଖାଲୁଆ ଜମିରେ ରୁଆ ଧାନ କରୁଛନ୍ତି ସେମାନେ ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ୍-୧, ପୂଜା, କିମ୍ବା ସି.ଆର୍.ଧାନ ୮୦୦, ସି.ଆର୍.ଧାନ ୮୦୧, ସି.ଆର୍.ଧାନ ୮୦୨, ସି.ଆର୍.ଧାନ ୮୦୩ (ପୂଜା ସବ୍-୧), ସି.ଆର୍.ଧାନ ୪୦୮, ସି.ଆର୍.ଧାନ ୪୦୯, ସି.ଆର୍.ଧାନ ୪୧୦, ସି.ଆର୍.ଧାନ ୪୧୧ ଇତ୍ୟାଦି କିସମ ଭରସାଯୋଗ୍ୟ ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ବ୍ଲକ୍ ଅଫିସରୁ ବନ୍ଦୋବସ୍ତ କରନ୍ତୁ ।

- ଉପକୂଳବର୍ତ୍ତୀ ଲୁଣି ଜମି ପାଇଁ ଲବଣ ସହଣକ୍ଷମ ଧାନ ବିହନ ଯଥା ସି.ଆର୍.ଧାନ ୪୦୫ (ଲୁଣା ସଂଖୀ), ସି.ଆର୍.ଧାନ ୪୦୩ (ଲୁଣା ସୁବର୍ଣ୍ଣା), ସି.ଆର୍.ଧାନ ୪୧୨, ସି.ଆର୍.ଧାନ ୪୧୪, ଲୁଣା ବରିଆଲ୍ ଏବଂ ଲୁଣିଶ୍ରୀ ବିହନ ସଂଗ୍ରହ କରିରଖନ୍ତୁ ।

- ଶଙ୍କରଜାତୀୟ ଧାନ ଚାଷ କରିବା ପାଇଁ ଇଚ୍ଛୁକ ଥିବା ଚାଷୀଭାଇମାନେ ଉନ୍ନତମାନର ବିହନ ଯଥା ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, ସି.ଆର.ଧାନ ୭୦୨, ସି.ଆର.ଧାନ ୭୦୩ ଇତ୍ୟାଦି ବିହନ ବିଭିନ୍ନ ନିର୍ଭର ଯୋଗ୍ୟ ଅନୁଷ୍ଠାନରୁ ସଂଗ୍ରହ କରି ରଖନ୍ତୁ ।

- ରୁଆଧାନ ବିଲରେ ସବୁଜ ଖତ ହିସାବରେ ଧଣିଚ୍ଚ ଚାଷ କରିବା ପାଇଁ ବିଶ୍ୱାସଯୋଗ୍ୟ ସଂସ୍ଥା କିମ୍ବା ଦୋକାନରୁ ଭଲ ଧଣିଚ୍ଚ ମଞ୍ଜି ସଂଗ୍ରହ କରନ୍ତୁ ।

- ବିହନ ବିଶୋଧନ ନିମନ୍ତେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. (ବାଭିଷ୍ଟିନ୍ / ଗୋଲ୍ଡଷ୍ଟିନ୍) କିମ୍ବା ୩ ଗ୍ରାମ୍ କ୍ୟାପଟାନ୍ ୫୦% ( କ୍ୟାପ୍‌ଗୋଲ୍ଡ / କ୍ୟାପ୍‌ତାରା) କିମ୍ବା ୩ ଗ୍ରାମ୍ ଥୀରାମ୍ ୭୫% (ଥିରାମ୍ ୭୫ / ଥାଇରସ୍ଥ) ଗୁଣ୍ଡରେ ବିଶୋଧନ କରନ୍ତୁ । ଜୈବିକ ବିଶୋଧକ ଭାବେ ୧ କି.ଗ୍ରା. ବିହନକୁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଗୁଣ୍ଡରେ ମଧ୍ୟ ବିଶୋଧନ କରିପାରିବେ । ଏହାକୁ କୌଣସି ବିଶ୍ୱସ୍ଥନୀୟ ସଂସ୍ଥା ବା ଦୋକାନରୁ ସଂଗ୍ରହ କରନ୍ତୁ ।

- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

******